# Akashvani, Sambalpur

## SAMBALPURI NEWS EVENING BULLETIN

**21 January 2026 - 7.02 pm- 7.12 pm.**

*******************************************

୧- ଅଟଳ ପେନ୍‌ସନ୍ ଯୋଜ୍‌ନାର୍ ସମିଆ ଆଉ ପାଣ୍ଠି ସାହାଜ୍ ବଢ଼ାବାର୍‌କେ ମିଲ୍‌ଲା କେନ୍ଦ୍ର କେବିନେଟ୍‌ର ମଞ୍ଜୁରୀ ।

୨- ଚାଷୀମାନ୍‌କର୍ କମାନିକେ ବଢ଼ାଲେ, ବିକଶିତ୍ ଓଡ଼ିଶା - ୨୦୩୬ ର ସପନ୍ ପୁରା ହେଇପାର୍‌ବା- କହେଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟସ୍ତରୀୟ ମସ୍ୟ, ପ୍ରାଣୀ ସମାବେଶ୍-୨୦୨୬ ଆଏଜ୍‌ଠାନୁ ହେଲା ମୁଲ୍ ।

୩- ସୁଭଦ୍ରା ଯୋଜ୍‌ନାଥି ନୂଆଁକରି ଜୁଡ଼ି ହେଇଥିବା ହିତାଧିକାରୀଙ୍କୁ ଆଏବା କାଏଲ୍ ମିଲ୍‌ବା ସାହାଜ୍ ଟଙ୍କା ।

ଆଉର୍

୪- ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ଆଏଜ୍ ହେବା ଦୁର୍ଲଭ ପଦ୍ମବେଶ ।

ଅଟଲ୍ ପେନ୍‌ସନ୍ ଯୋଜ୍‌ନା          ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ କେନ୍ଦ୍ର କେବିନେଟ୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଅଟଲ୍ ପେନ୍‌ସନ୍ ଯୋଜ୍‌ନାର୍ ସମିଆ ବଢ଼ାବାର୍ ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲିଛେ । ଇ ଯୋଜ୍‌ନା ଆଏବା ୨୦୩୦-୩୧ ତକ୍ ଜାରି ରହେବା । ଯୋଜ୍‌ନାର୍ ପ୍ରଚାର୍ ପ୍ରସାର୍ ଆଉ ବିକାଶ୍‌ମୂଳକ୍ କାମ୍ ଲାଗି ପାଣ୍ଠି ସାହାଜ୍‌ର ସମ୍ପ୍ରସାରଣ୍ କରାଯିବାର୍ ସହେତେ ନିଅଂଟ୍ ଭରନା ଲାଗି ଭିଲ୍ ପାଣ୍ଠି ଯୁଗେଇ ଦେବାର୍ ଲାଗି କେନ୍ଦ୍ର କେବିନେଟ୍‌ଥି ନିଷ୍ପତି ହେଇଛେ । କମ୍ କମାନି ଥିବା ଆଉ ଅଣ ସଂଗଠିତ୍ କ୍ଷେତ୍ରର୍ ଲାଖ୍ ଲାଖ୍ ଶ୍ରମିକ୍‌ମାନ୍‌କର୍ ଲାଗି ଇତାର୍ ଜରିଏ ଆୟ ସୁରକ୍ଷା ସୁନିଶ୍ଚିତ୍ ହେଇପାର୍‌ବା ।

ମତ୍ସ୍ୟ, ପ୍ରାଣୀ ସମାବେଶ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମାବେଶ୍ ଓଡ଼ିଶା-୨୦୨୬ ଆଏଜ୍‌ଠାନୁ ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ମୁଲ୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇତାକେ ଉଦ୍‌ଘାଟନ୍ କରିକରି କହିଛନ୍, ଓଡ଼ିଶା ବାଗିର୍ କୃଷି ପ୍ରଧାନ୍ ରାଏଜେ ଯେନ ୬୦ ପ୍ରତିଶତ୍‌ନୁ ଅଏତ୍‌କା ଲୁକେ ଚାଷ୍ ଆଉ ଆନୁସଙ୍ଗିକ୍ ଚାଷ୍ ଉପ୍‌ରେ ନିର୍ଭର୍ କର୍‌ସନ୍ ସେନ ଚାଷୀମାନ୍‌କର୍ କମାନିକେ

ବଢ଼ାଲେ ଯାଇକରି ବିକଶିତ୍ ଓଡ଼ିଶା -୨୦୩୬ ର ସପନ୍ ପୁରା ହେଇପାର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ଗୁଟେ ସଚେତନତା ପଦଯାତ୍ରା ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନୁ ଜନତା ମଇଦାନ୍‌ତକ୍ ହେଇଥିଲା । ପଦଯାତ୍ରାକେ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଶୁଭାରମ୍ଭ କରିଥିଲେ । ଇଥି ଭିନ୍ ଭିନ୍ ମହାବିଦ୍ୟାଳୟର୍ ଛାତ୍ରଛାତ୍ରୀ, ମତ୍ସ୍ୟଚାଷୀ ଆଉ ପ୍ରାଣୀପାଲକ୍‌ମାନେ ଭାଗ୍ ନେଇଥିଲେ । ଆଏବା ଶୁକ୍ରବାର୍‌ତକ୍ ଇ ସମ୍ମିଲନୀ ହେବାର୍‌କେ ଥିବାର୍ ବେଲେ ଉଦ୍‌ଯାପନୀ ଉତ୍ସବ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଯୋଗ୍ ଦେବେ । ସମାବେଶ୍‌ଥି ୮ ହଜାର୍‌ନୁ ଅଏତ୍‌କା ଚାଷୀ ସାମିଲ୍ ହେବେ । ୨ ଶହ ୮ ଟା ଷ୍ଟଲ୍ ଜରିଏ ମତ୍ସ୍ୟ, ପ୍ରାଣୀପାଲନ୍, ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍ ଆର୍ ବେସର୍‌କାରୀ ଅନୁଷ୍ଠାନ୍‌ର ବିକାଶ୍‌ମୂଳକ୍ କାର୍ଯ୍ୟକ୍ରମ୍ ସବୁ ପ୍ରଦର୍ଶନ୍ କରାଯିବା ।

ପୌର ନିର୍ବାଚନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ଜୁନ୍ ମାସ୍ ଶେଷ୍‌ତକ୍ ବିଜ୍ଞପିତ୍ ଅଂଚଲ୍ ପରିଷଦ୍ ଏନ୍‌ଏସି ଆଉ ପୌର ନିର୍ବାଚନ୍ ହେବା ବଲି ରାଜ୍ୟ ନିର୍ବାଚନ୍ ଆୟୁକ୍ତ ମଧୁସୂଦନ୍ ପାଢ଼ୀ ସୂଚ୍‌ନା

ଦେଇଛନ୍ । ଇଥିର୍ସହେତେ ନୂଆଁକରି ଘୋଷ୍ନା ହେଇଥିବା ପୌରାଂଚଲ୍ ନ ଭିଲ୍ ନିର୍ବାଚନ୍ କର୍ବାର୍ ଲାଗି ସବୁପ୍ରକାର୍ ପ୍ରସ୍ତୁତି ଜାରି ରହିଛେ । ଇ ବାବ୍ଦେ ଶ୍ରୀ ପାଢ଼ୀ ରାଜ୍ୟ ସର୍କାର୍ଙ୍କୁ ଚିଠି ଲେଖିକରି ଜନେଇ କରେଇଛନ୍ ।

ଇସିଆଇ କନ୍ଫରେନ୍ସ          ଆର୍ଏନ୍ୟୁ/ କଟକ୍

ଦେଶେ ଗଣତାନ୍ତ୍ରିକ୍ ନିର୍ବାଚନ୍ ବ୍ୟବସ୍ଥାଥି ବୁଥ୍ସ୍ତରୀୟ ଅଧିକାରୀମାନେ ମେରୁଖୁମ୍ ଆନ୍ ବଲି ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ଜ୍ଞାନେଶ୍ କୁମାର୍ କହିଛନ୍ । ନୂଆଦିଲ୍ଲୀ ଠାନେ ଆଏଜ୍ ଆନ୍ତର୍ଜାତିକ୍ ଗଣତନ୍ତ୍ର ଆଉ ନିର୍ବାଚନ୍ ପରିଚାଲନା ସମ୍ମିଲନୀ ୨୦୨୬ ଥି ଉଦ୍ବୋଧନ୍ ଦେଇକରି ଶ୍ରୀ କୁମାର୍ କହିଛନ୍, ଭାରତ୍ ହେଉଛେ ଗଣତନ୍ତ୍ରର୍ ଜନନୀ । ଗଣତନ୍ତ୍ରକେ ବର୍କସ୍ କର୍ବାର୍ ଲାଗି ସବୁ ଯୋଗ୍ୟ ଭୋଟର୍ ମାନ୍କୁ ଭୋଟର୍ ତାଲିକାଥି ସାମିଲ୍ କର୍ବାର୍ ଆବଶ୍ୟକତା ରହିଛେ । ଭାରତ୍ ତର୍ଫୁ ଆୟୋଜିତ୍ ଇ ୩ ଦିନିଆ ସମ୍ମିଲନୀ ଗଣତନ୍ତ୍ର ଆଉ ନିର୍ବାଚନ୍ ପରିଚାଲନା ଦିଗେ ପୁର୍ଥିର୍ ସବୁନୁ ବଡ଼ ସମ୍ମିଲନୀ ଆଏ । ଇଥି ୭୦ ନୁ ଅଏତ୍କା ଦେଶର୍ ପ୍ରତିନିଧି ଭାଗ୍ ନେଉଛନ୍ । ସମ୍ମିଲନୀ ଅବ୍ସରେ ନିର୍ବାଚନ୍ ପରିଚାଲନା ସହେତେ ଜଡ଼ିତ୍ ୪୦ ନୁ ଅଏତ୍କା ଦ୍ୱିପାକ୍ଷିକ୍ ବୈଠକ୍ ଭିଲ୍ ହେବାର୍ କାର୍ଯ୍ୟସୂଚୀ ରହିଛେ ।

ରାସ୍ତା ନିର୍ମାଣ୍      ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଶହେ ୫୦ ଜନସଂଖ୍ୟା ଥିବା ଗାଁକେ ଆଏବା ୨୦୨୭ ମସିହାତକ୍ ରାସ୍ତା ତିଆର୍ କରାଯିବା ବଲି ପଂଚାୟତିରାଜ୍ ଆଉ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍ କହିଛନ୍ । ଇ ସମିଆ ଭିତ୍ରେ ୭୫ ହଜାର୍‌ନୁ ଅଏତ୍କା ରାସ୍ତା ତିଆର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଇହାଦେତକ୍ ୩୦ ହଜାର୍‌ନୁ ଅଏତ୍କା ରାସ୍ତା ତିଆରି କାମ୍ ଶେଷ୍ ହେଇଛେ । ଆଏବା ୩ ମାସ୍ ଭିତ୍ରେ ଶହେ ପ୍ରତିଶତ୍ ବଜେଟ୍ ଖର୍ଚ୍ଚା କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ମନ୍ତ୍ରୀ ଶ୍ରୀ ନାୟକ୍ ନିର୍ଦ୍ଦେଶ୍ ଦେଇଛନ୍ ।

ସୁଭଦ୍ରା ସାହାଜ୍       ଆର୍ଏନ୍ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାଥି ନୂଆଁକରି ଜୁଡ଼ି ହେଇଥିବା ରାଜ୍ୟର୍ ୧ ଲାଖ୍ ୭୮ ହଜାର୍ ୩ ଶହ ୯୮ ଝନ୍ ହିତାଧିକାରୀଙ୍କୁ ଆଏବା କାଏଲ୍ ସାହାଜ୍ ଟଙ୍କା ଦିଆଯିବା । ଏବ୍‌ତକ୍ ସୁଭଦ୍ରା ଯୋଜ୍‌ନାଥି ମୋଟ୍ ୪ ଲାଖ୍ ୫୭ ହଜାର୍ ୬ ଶହ ୮୧ ଝନ୍ ମହିଲା ସାମିଲ୍ ହେଇଛନ୍ । ପହେଲା ଆଉ ୨ ନମ୍ବର୍ କିସ୍ତିନୁ ବାଦ୍ ପଡ଼ିଥିବା ୨ ଲାଖ୍ ୫୫ ହଜାର୍ ୨ ଶହ ୬୫ ଝନ୍‌କୁ ଏକାଥର୍‌କେ ୨ ଟା କିସ୍ତିର୍ ଟଙ୍କା ଦିଆଯିବା । ଅଭିଯୋଗ୍

ଶୁଣାଣି ଉତ୍ତରୁ ୨୪ ହଜାର୍ ୧୮ ଝନ୍ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜ୍ନାଥି ସାମିଲ୍ କରାଯାଇଛେ । ଭୁବ୍ନେଶ୍ୱର୍ ଓୟୁଏଟି ଠାନେ ଆଏବା କାଏଲ୍  ସଖାଲର୍ ସାଢ଼େ ୧୦ ବଜେ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍ଫୁ ସଭୁଦ୍ରା ଯୋଜ୍ନା ବାବଦ୍ କାର୍ଯ୍ୟକ୍ରମ୍ ହେବା । କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ସହେତେ ଅଲ୍ଗା ବିଶିଷ୍ଟ ବ୍ୟକ୍ତିବିଶେଷ୍ ସାମିଲ୍ ହେବେ ।

ଆମ ବସ୍ ସେବା          ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଡିଜେଲ୍ଥି ଚାଲୁଥିବା ଆମ ବସ୍ ଚଲାଚଲ୍ ବନ୍ଦ୍ କର୍ବାର୍ ଲାଗି ସର୍କାର୍ ନିଷ୍ପତି ନେଇଛନ୍ ବଲି ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ଡିଜେଲ୍ ବସ୍କେ ଆଏବା ଦିନେ ସ୍କ୍ରାପିଂ କରାଯିବାର୍ ଉତ୍ତରୁ ବିଦ୍ୟୁତ୍ ଚାଲିତ୍ ବସ୍ ଆନ୍ବାର୍ ଲାଗି ସର୍କାର୍ ଯୋଜ୍ନା କରୁଛନ୍ ବଲି ଶ୍ରୀ ମହାପାତ୍ର ଗଣମାଧ୍ୟମ୍କେ ସୂଚ୍ନା ଦେଇକରି କହିଛନ୍ ।
(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ପାତ୍ର)

ପୁରୀ ଶ୍ରୀମନ୍ଦିର- ପଦ୍ମବେଶ          ଆର୍ଏନ୍ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍‌କର୍ ଦୁର୍ଲଭ ପଦ୍ମବେଶ କରାଯିବା । ପରମ୍ପରା ଅନ୍‌ସାରେ ରାତି ବଡ଼ସିଂହାର ନୀତିଥି ମହାପ୍ରଭୁ ପଦ୍ମବେଶଥି ସଜେଇ ହେଇକରି ପହୁଡ଼ ହେବେ । ଆଏବା କାଏଲ୍ ଅବକାଶ ନୀତିତକ୍ ମାହାପୁରୁମାନେ ଭକ୍ତମାନ୍‌କୁ ଇ ବେଶଥି ଦର୍ଶନ୍ ଦେବେ । ମାଘ୍ ମାସର୍ ଉଜଲ୍ ପଖର୍ ପ୍ରତିପଦା ଠାନୁ ଶ୍ରୀପଂଚ୍‌ମୀ ଭିତ୍‌ରେ ଯେନ୍ ଦିନ ବୁଧବାର୍ କି ଶନିବାର୍ ପଡ୍‌ସି ସେହିଦିନ ମାହାପୁରୁଙ୍କର୍ ଇ ବେଶ କରାଯିବାର୍ ପରମ୍ପରା ରହିଛେ । ବଡ଼ଛତା ମଠ ତର୍‌ଫୁ ଯୁଗାହେଇଥିବା ପଦମ୍ ଫୁଲଥି ବେଶଥି ବଡ଼ସିଂହାର ବେଶ କରାଯିବା ।

ଖଣି ଖୁଦେଇ ଆର୍‌ଏନ୍‌ୟୁ/ ସମ୍ବଲପୁର

ବେଆଇନ୍ ଭାବେ ଖଣି ଖୁଦେଇର୍ ସିବିଆଇ ତଦନ୍ତ୍ ଦାବି ବାବଦ୍ ମାମ୍‌ଲାଥି ୨ ହପ୍ତା ଭିତ୍‌ରେ ଜବାବ୍ ଦାଖଲ୍ କର୍‌ବାର୍‌କେ ହାଇକୋର୍ଟ ନିର୍ଦ୍ଦେଶ୍ ଦେଇଛନ୍ । ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ଆଉ ଜଷ୍ଟିସ୍ ଏମ୍.ଏସ୍. ରମନ୍‌ଙ୍କୁ ନେଇକରି ହେଇଥିବା ଖଣ୍ଡପୀଠ ଇ ମାମ୍‌ଲାର୍ ଶୁଣାଣି କରିକରି ବେଆଇନ୍ ଖଣି ଖୋଦେଇ ଥିତିର ସବିଶେଷ୍ ତଥ୍ୟ ମାଗିଛନ୍ । ଆଏବା ମାସ ୧୦ ତାରିଖ୍ ମାମ୍‌ଲାର୍ ପରବର୍ତ୍ତୀ ଶୁଣାଣି କରାଯିବା ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୩ ତାରିଖ୍‌ତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ବନ୍ଦେ ମାତରମ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ବିଜ୍ଞପିତ ଅଂଚଲ୍ ପରିଷଦ୍ ତର୍‌ଫୁ ବନ୍ଦେ ମାତରମ୍ ଗାନ କରାଯାଇଥିଲା । ଉତ୍ସବ୍‌ଥି ନୂଆପଡ଼ା ବିଧାୟକ୍ ଜୟ ଢୋଲ୍‌କିଆ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ ବିଦ୍ୟାଳୟ ଆଉ କଲେଜ୍‌ର

ଛାତ୍ରଛାତ୍ରୀଙ୍କର୍ ସହେତେ ବିଶିଷ୍ଟ ବ୍ୟକ୍ତିବିଶେଷ୍ ଯୋଗ୍ ଦେଇଥିଲେ ।

ଭିବିଜୀରାମ୍‌ଜୀ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଭାରତୀୟ ଜନତା ପାର୍ଟି ତର୍ଫୁ ଜିଲ୍ଲା କାର୍ଯ୍ୟାଳୟଠାନେ ଭିବିଜୀରାମ୍‌ଜୀ ଆଇନ୍ ଜନଜାଗରଣ୍ ଅଭିଯାନ୍‌ର ଜିଲ୍ଲାସ୍ତରୀୟ କର୍ମଶାଳା ହେଇଯାଇଛେ । ଗ୍ରାମୀଣ ନିଯୁକ୍ତି ସହେତେ ଫିଁ’ ଗରିବ୍ ଲୁକ୍‌କୁ ସମ୍ମାନ୍‌ର ସହେତେ ନିଯୁକ୍ତି ମିଲିପାର୍‌ବା ବଲି ବୌଦ୍ଧ ବିଧାୟକ୍ ଆଉ ସର୍‌କାରୀ ଦଲର୍ ମୁଖ୍ୟ ସଚେତକ ସରୋଜ୍ କୁମାର୍ ପ୍ରଧାନ୍ ଇ ଅବ୍‌ସରେ କହିଛନ୍ ।

ବୌଦ୍ଧ-ସଚେତନତା କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍ଫୁ ଗୌଡ଼ଦେଇ ଗାଁନ ବାଲ୍ୟବିବାହ ରୁକ୍‌ବାର୍ ଲାଗି ନାଲ୍‌ସା ଆଶା ମାନକ କାର୍ଯ୍ୟପ୍ରଣାଳୀ ଯୋଜ୍‌ନା ଉପ୍‌ରେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌କେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ସଚିବ ଶ୍ରଦ୍ଧାଞ୍ଜଲି ରାୟ ପରିଚାଳନା କରିଥିଲେ । ଜିଲ୍ଲା ନ ବାଲ୍ୟବିବାହ କେନ୍ତାକରି

ରୁକାଯାଇପାର୍‌ବା ସେ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯିବାର୍ ସହେତେ ଇଥିର୍‌ଲାଗି ରହିଥିବା ଦଣ୍ଡବିଧାନ୍ ବାବ୍‌ଦେ ଭିଲ୍ ଅତିଥି ମାନେ କହିଥିଲେ ।

ଓଏସ୍‌ଏସ୍‌ଟିଇଟି ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧ୍ୟମିକ୍ ଶିକ୍ଷା ପରିଷଦ୍ ତର୍‌ଫୁ ପରିଚାଳିତ୍ ଓଡ଼ିଶା ମାଧ୍ୟମିକ୍ ବିଦ୍ୟାଳୟ ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା -ଓଏସ୍‌ଏସ୍‌ଟିଇଟି ଆଏଜ୍ ହେଇଛେ । ୨ ଟା ଖେପେ ହେଇଥିବା ପରୀକ୍ଷା ସଖାଲର୍ ୧୦ ବଜେନୁ ମୁଲ୍ ହେଇକରି ସାଢ଼େ ୧୨ ବଜେତକ୍ ଚାଲିଥିଲା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସବୁ ପରୀକ୍ଷାର୍ଥୀମାନ୍‌କୁ ପୁରା ଆତ୍ମବିଶ୍ୱାସ୍, ଏକାଗ୍ରତା ଆଉ ଧୈର୍ଯ୍ୟର୍ ସହେତେ ପରୀକ୍ଷା ଦେଇକରି ଶ୍ରେଷ୍ଠ ପ୍ରଦର୍ଶନ୍ କର୍‌ବାର୍ ଲାଗି ଶୁଭେଚ୍ଛାଥି କହିଥିଲେ ।

ଲାଲ୍‌ମନୀ କ୍ରିକେଟ୍ କପ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ମହକୁମାର୍ ଗାନ୍ଧୀ ପଡ଼ିଆ ନ ଚାଲିଥିବା ୩୭ ନମ୍ବର୍ ସର୍ବଭାରତୀୟ ଲାଲ୍‌ମନୀ କ୍ରିକେଟ୍ କପ୍ -୨୦୨୬ ର ଆଜିରର୍ ମେଚ୍‌ଥି ଭୁବ୍‌ନେଶ୍ୱର୍ ବାପୁଜୀ କ୍ଲବ୍ ଜିତିଛେ ।

ଟୁର୍ଣ୍ଣାମେଂଟ୍‌ର ୩ ନମ୍ବର୍ ଦିନେ ହେଇଥିବା ମେଚ୍‌ଥି ଭୁବ୍‌ନେଶ୍ୱର୍‌ର ବାପୁଜୀ କ୍ଲବ୍, ମୁମ୍ବାଇର୍ ରକେଟ୍ ଏକାଦଶକେ ୯ ୱିକେଟ୍‌ଥି ହରେଇକରି ସେମିଫାଇନାଲ୍‌କେ ଯାଇଛେ । ଜିଲ୍ଲା କ୍ରିକେଟ୍ ସଂଘ ତର୍‌ଫୁ ଆୟୋଜିତ୍ ଟୁର୍ଣ୍ଣାମେଂଟ୍ ଆଏବା ୨୬ ତାରିଖ୍‌ତକ୍ ଚାଲ୍‌ବା ।